## କଟକ ପରେ ଭୁବନେଶ୍ୱର

# ନକଲି ଘିଅ କାରଖାନା ଠାବ



**ଭୁବନେଶ୍ୱର, ୧୨୧୧/ଏନ୍‌ଏନ୍‌ଏସ୍:**

ମିକ୍ସରଠୁ ଖାଇବା ତେଲ, ମସଲାଠୁ ପୂଜାଘିଅ ଯାଏଁ ସବୁ ନକଲି । ଯେତେ ଚଢ଼ଉ, ଧରପଗଡ଼ କଲେ ବି ଥମୁନି ବିଷ ବେପାର । କଟକ ପରେ ଭୁବନେଶ୍ୱରରେ ନକଲି ମାଲ୍‌ର କାରବାର ଘଟଣା ସାମ୍ନାକୁ ଆସିଛି । ଲୋଗୋ ଅସଲି, କିନ୍ତୁ ମାଲ୍ ଭେଜାଲ୍ । ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା ତ୍ରିଲୋଚନ ବିହାରରେ ଚାଲିଥିବା ଏକ ଘିଅ କାରଖାନାକୁ କମିଶନରେଟ୍ ପୁଲିସ ଠାବ କରିବା ପରେ ପୁଲିସର ହୋସ୍ ଉଡ଼ିଯାଇଛି । ମଙ୍ଗଳବାର କମିଶନରେଟ୍ ପୁଲିସର କ୍ୟୁଏଟି (କୁଇକ୍ ଆକ୍ସନ ଟିମ୍) ଓ ଏୟାରଫିଲ୍ଡ ଥାନା ପୁଲିସ ମିଳିତ ଚଢ଼ଉ କରି ଘଟଣାସ୍ଥଳରୁ ପାଖାପାଖି ୧୦କ୍ୱିଣ୍ଟାଲରୁ ଅଧିକ ନକଲି ଘିଅ ଜବତ କରିଛି । ଘିଅ ପ୍ରସ୍ତୁତିରେ ବ୍ୟବହୃତ ପାମୋଲିନ୍ ତେଲ, ବିଭିନ୍ନ ରାସାୟନିକ ଦ୍ରବ୍ୟ, ରାସାୟନିକ ରଙ୍ଗ, ବନସ୍ପତି ଓ ବାସ୍ନା ପାଇଁ ବ୍ୟବହୃତ ସେଣ୍ଟ ଜବତ କରାଯାଇଛି । ପୁଲିସ କାରଖାନା ମାଲିକ ଅଭିମନ୍ୟୁଙ୍କୁ ଆବଶ୍ୟକୀୟ କାଗଜପତ୍ର ମାଗିଥିଲେ ମଧ୍ୟ ସେ ଦେଖାଇ

▶▶ ୭